# Visit of External Affairs Minister to Kingdom of Bahrain (November 24-25, 2020)

November 25, 2020

---

## ବାହାରିନ୍‌କୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗସ୍ତ (ନଭେମ୍ବର 24-25, 2020)

25 ନଭେମ୍ବର୍, 2020

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର, ବାହାରିନ୍‌କୁ ତାଙ୍କର ଦୁଇ ଦିବସୀୟ ସରକାରୀ ଗସ୍ତକୁ ଆଜି ସମାପ୍ତ କରିଛନ୍ତି। ଗସ୍ତ ସମୟରେ ସେ, ଏଚ୍.ଆର୍.ଏଚ୍. ରାଜକୁମାର ସଲମାନ ବିନ୍ ଅମଦ ଅଲ୍ ଖଲିଫା, ସତ୍ତାରଢ଼ ରାଜକୁମାର, ଡେପୁଟୀ ସୁପ୍ରିମ୍ କମାଣ୍ଡର୍ ଏବଂ ବାହାରିନ୍‌ର ପ୍ରଧାନମନ୍ତ୍ରୀ ମହାମାନ୍ୟ ଶେଖ୍ ଅଲୀ ବିନ୍ ଖଲିଫା ଅଲ୍ ଖଲିଫା, ବାହାରିନ୍‌ର ଉପ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ସେ ନିଜର ସମସ୍କନ୍ଧ ମହାମାନ୍ୟ  ଡ. ଅବଦୁଲ ଲ୍ତିଫ୍ ବିନ୍ ସଶିଦ୍ ଅଲ୍ ଜୟନୀ, ବାହାରିନ୍‌ର ବିଦେଶ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

ନେତାମାନଙ୍କ ସହ ସାକ୍ଷାତ ସମୟରେ ସେ, ଭାରତ ସରକାର ଓ ଭାରତବାସୀଙ୍କ ତରଫରୁ ବ୍ୟକ୍ତିଗତ ଭାବେ, ବାହାରିନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଆର୍.ଏଚ୍. ରାଜକୁମାର ଖଲିଫା ବିନ୍ ସଲମାନ୍ ଅଲ୍ ଖଲିଫାଙ୍କ ନିଧନ ଉପରେ ଶୋକ ସମ୍ବେଦନା ଜ୍ଞାପନ କରିଥିଲେ। ସେ, ଭାରତ-ବାହାରିନ୍ ସମ୍ବନ୍ଧକୁ ସୁଦୃଢ଼ କରିବା ଏବଂ ବାହାରିନ୍‌ରେ ଭାରତୀୟ ସମୁଦାୟର କଲ୍ୟାଣ ପାଇଁ ଦିବଂଗତ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନକୁ ସ୍ମରଣ କରିଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରୀ, ବାହାରିନ୍‌ରେ 300,000 ଉର୍ଦ୍ଧ୍ୱ ମଜଭୂତ ଭାରତୀୟ ସମୁଦାୟ ପାଇଁ ଆୟୋଜନ କରିବା ଏବଂ କୋଭିଡ୍-19 ମହାମାରୀ ସମୟରେ ସମୁଦାୟର ଅସାଧାରଣ ଯତ୍ନ ନିମନ୍ତେ ଅତ୍ୟୁତ୍ତମ ନେତୃତ୍ୱକୁ ଧନ୍ୟବାଦ ଦେଇଥିଲେ। ବାହାରିନ୍‌ର ନେତାମାନେ, ଦେଶର ବିକାଶରେ ଭାରତୀୟ ସମୁଦାୟର ଯୋଗଦାନ ଏବଂ ଔଷଧ, ଚିକିତ୍ସା ଉପକରଣ ଏବଂ ଚିକିତ୍ସକମାନଙ୍କ ଯୋଗାଣ ମାଧ୍ୟମରେ କୋଭିଡ୍ ମହାମାରୀ ସମୟରେ ଭାରତ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତାର ଭୂରି ଭୂରି ପ୍ରଶଂସା କରିଥିଲେ। ଉଭୟ ପକ୍ଷ, ନିଜର କୋଭିଡ୍ ସମ୍ବନ୍ଧୀୟ ସହଯୋଗକୁ ଆହୁରି ସୁଦୃଢ଼ କରିବାର ପୁଷ୍ଟି କଲେ। ସେମାନେ, ଉଭୟ ଦେଶ ମଧ୍ୟରେ ଏୟାର୍ ବବଲ୍ ବ୍ୟବସ୍ଥାର ସଂଚାଳନ ଉପରେ ମଧ୍ୟ ସନ୍ତୋଷ ବ୍ୟକ୍ତ କରିଥିଲେ।

ବାହାରିନ୍‌ର ବିଦେଶ ମନ୍ତ୍ରୀଙ୍କ ସହ ଡ. ଜୟଶଙ୍କର ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଥିଲେ। ଦୁଇ ମନ୍ତ୍ରୀ, ଦ୍ୱିପାକ୍ଷିକ ପ୍ରସଙ୍ଗ ସମେତ ପାରସ୍ପରିକ ହିତର କ୍ଷେତ୍ରୀୟ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ, ଯେଉଁଥିରେ କୋଭିଡ୍ ପର ଆହ୍ୱାନର ସାମନା କରିବାରେ ସହଯୋଗ ଓ ସମନ୍ୱୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ସେମାନେ, ପ୍ରତିରକ୍ଷା ଓ ସାମୁଦ୍ରିକ ସୁରକ୍ଷା, ସ୍ପେସ୍ ଟେକ୍ନୋଲୋଜୀ, ବ୍ୟାପାର ଓ ନିବେଶ, ଭିତ୍ତିଭୂମି, ଆଇଟି, ଫିନ୍‌ଟେକ୍, ସ୍ୱାସ୍ଥ୍ୟ, ହାଇଡ୍ରୋକାର୍ବନ୍ ଓ ଅକ୍ଷୟ ଉର୍ଜା କ୍ଷେତ୍ର ସମେତଐତିହାସିକ ଭାରତ-ବାହାରିନ୍ ସମ୍ବନ୍ଧକୁ ଆହୁରି ମଜଭୁତ କରିବା ଉପରେ ସହମତି ବ୍ୟକ୍ତ କଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ, ଆଗାମୀ କିଛୀ ମାସରେ ହେବାକୁ ଥିବା ତୃତୀୟ ଭାରତ-ବାହାରିନ୍ ଉଚ୍ଚ ଯୁଗ୍ମ ଆୟୋଗର ବୈଠକ ପାଇଁ ଭାରତ ଗସ୍ତ କରିବାକୁ ବାହାରିନ୍‌ର ଅର୍ଥ ମନ୍ତ୍ରୀଙ୍କ ନିମନ୍ତ୍ରଣକୁ ନବୀନୀକୃତ କଲେ।

ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ, ବାହାରିନ୍‌ରେ ଭାରତୀୟ ସମୁଦାୟର ନେତାମାନଙ୍କ ସହିତ ଭର୍ଚୁଅଲ୍ ମୋଡ୍‌ରେ ଆଲୋଚନା କରିଥିଲେ। ସେ, ମାନାମାରେ ସ୍ଥିତ200 ବର୍ଷ ପୁରୁଣା ଶ୍ରୀନାଥଜୀ (ଶ୍ରୀ କୃଷ୍ଣ) ମନ୍ଦିରର ଦର୍ଶନ କରିଥିଲେ। ମନ୍ଦିର ଓ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଛୋଟ ଭାରତ, ଭାରତ-ବାହାରିନ୍ ମିତ୍ରତାର ପ୍ରମାଣ ଭାବରେ ଦଣ୍ଡାୟମାନ ଅଛି। ସେ, ବାହାରିନ୍‌ର ଜାତୀୟ ସଂଗ୍ରହାଳୟ ମଧ୍ୟ ପରିଦର୍ଶନ କରିଥିଲେ।

ମାନାମା
25 ନଭେମ୍ବର୍, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.